**ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ**

ସାଲେପୁର, (ଡି.ଏନ.ଏ.) : ସାଲେପୁର ବ୍ଲକ ବହୁଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଗା ବଜାରଠାରେ ଏକ ଗାଡ଼ି ଧକ୍କାରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶିଶୁଆ ପଞ୍ଚାୟତ ଅନ୍ତର୍ଗତ ବାହାବଳପୁର ଗ୍ରାମର ବୀରବର ବେହେରାଙ୍କ ସ୍ତ୍ରୀ ବୁଲି ବେହେରା। ସେ ପୁଅ ସହ ଏକ ବାଇକ୍‌ରେ ପାଗା ବଜାର ଦେଇ ଯାଉଥିବାବେଳେ ପଛରୁ ଏକ ଗାଡ଼ି ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଫଳରେ ବୁଲି ବାଇକ୍‌ରୁ ଖସିପଡ଼ିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଖବରପାଇ ପାଗା ଫାଣ୍ଡି ପୋଲିସ୍ ସେଠାରେ ପହଞ୍ଚି ମୃତଦେହ ଜବତ କରିଛି।

# ବାଣୀବିହାରରେ ଗୋଷ୍ଠୀ ସଂଘର୍ଷ

ଭୁବନେଶ୍ୱର,୧୮।୧(ବ୍ୟୁରୋ)

କୋଭିଡ୍ କଟକଣା କୋହଳ ହେବା ପରେ ଦୀର୍ଘଦିନ ଧରି ବନ୍ଦ ରହିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଖୋଲିଛି। ହେଲେ କେଇଦିନ ମଧ୍ୟରେ କ୍ୟାମ୍ପସ ଅଶାନ୍ତ ହୋଇପଡ଼ିଛି। ସୋମବାର ରାତିରେ କ୍ୟାମ୍ପସ କ୍ୟାଣ୍ଟିନ୍‌ରେ ୨ ଛାତ୍ରଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଉଭୟ ଗୋଷ୍ଠୀର ୪ଜଣ ଛାତ୍ର ଆହତ ହୋଇଛନ୍ତି। ଖବର ପାଇ ଶହୀଦନଗର ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗୋଷ୍ଠୀର ଛାତ୍ରଙ୍କୁ ବୁଝାଶୁଝା କରିବାରୁ ଉତ୍ତେଜନା ହ୍ରାସ ହୋଇଥିଲା। ପରେ ଆହତ ୪ ଛାତ୍ରଙ୍କୁ କ୍ୟାପିଟାଲ୍ ହସ୍ପିଟାଲ ପଠାଇଥିଲା। ତେବେ ଉତ୍ତେଜନାକୁ ଦୃଷ୍ଟିରେ ରଖି କ୍ୟାମ୍ପସରେ ପୋଲିସ ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତେବେ ଗୋଟିଏ ପଟେ



ଗଣ୍ଡଗୋଳ ପରେ ପୋଲିସ ଦୁଇ ଗୋଷ୍ଠୀର ଛାତ୍ରଙ୍କୁ ବୁଝାଶୁଝା କରୁଛି ।

- ଆରମ୍ଭରୁ କ୍ୟାମ୍ପସରେ ଅଶାନ୍ତ
- ୨ ଛାତ୍ର ଗୋଷ୍ଠୀର ୪ ଆହତ

କ୍ୟାଣ୍ଟିନରେ ଦରଦାମକୁ ନେଇ ଗଣ୍ଡଗୋଳ ହୋଇଥିବାବେଳେ ଅନ୍ୟପଟେ କ୍ୟାମ୍ପସରେ ଏକ ନିର୍ମାଣାଧୀନ କାର୍ଯ୍ୟକୁ ନେଇ ୨ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଥିବା ଚର୍ଚ୍ଚା ହେଉଛି।

ଝଗଡ଼ା ପରେ ଗୋଟେ ଛାତ୍ର ଗୋଷ୍ଠୀ ଗୋପବନ୍ଧୁ ପାଠାଗାର ସମ୍ମୁଖରେ ଧାରଣା ଦେବା ସହ ଅନ୍ୟପକ୍ଷର ଆକ୍ରମଣକାରୀ ଛାତ୍ରଙ୍କୁ ଧରିବା ପାଇଁ ଦାବି କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଛାତ୍ରମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ଗୋଟିଏ ଗୋଷ୍ଠୀ କ୍ୟାଣ୍ଟିନରେ ଦର ବଢ଼ାଇବାକୁ ସମର୍ଥନ କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ସ୍ଥିତିରେ ଥିଲେ। ସୋମବାର ରାତି ସାଢ଼େ ୮ଟା ସମୟରେ କୌଣସି କଥାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ ଜଣେ ଛାତ୍ରଙ୍କ ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ଆଲୁମ୍ନି ପକ୍ଷରୁ କ୍ୟାମ୍ପସରେ କୌଣସି ଏକ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟର ଠିକା ନେବାକୁ କେନ୍ଦ୍ରକରି ଉଭୟ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି।

## ସଂକ୍ଷେପରେ

### ବରିଷ୍ଠ ଆଇନଜୀବୀ ଅଶୋକ ମୁଖାର୍ଜୀଙ୍କ ପରଲୋକ



**କଟକ ଅଫିସ, ୧୮।୧-** ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ ମୁଖାର୍ଜୀ(୮୫)ଙ୍କର ରବିବାର ରାତିରେ ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧୨ଟା ୩୦ ମିନିଟ୍‌ରେ ତାଙ୍କର ପରଲୋକ ହୋଇଥିଲା। ପରେ ତାଙ୍କ ମରଶରୀରକୁ କଟକ ତେଲେଙ୍ଗାବଜାର ରଘୁନାଥଜୀଉ ମନ୍ଦିର ନିକଟସ୍ଥ ବାସଭବନକୁ ନିଆଯାଇଥିଲା। ସେଠାରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ, ଅରିଜିତ୍ ପଶାୟତ, ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ସାବିତ୍ରୀ ରଥ, ଦୌରାଜନ୍ ମାନସ ରଞ୍ଜନ ବାରିକ, ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧକ୍ଷ ଚିନ୍ମୟ ମହାନ୍ତି, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ବୁଦ୍ଧଦେବ ରାଉତରାୟ, ଜଗବନ୍ଧୁ ସାହୁ, କାଳୀପ୍ରସନ୍ନ ମିଶ୍ର, ବିଭୁପ୍ରସନ୍ନ ମହାପାତ୍ର, ଭବାନୀ ମିଶ୍ର ପହଞ୍ଚି ମୁଖାର୍ଜୀଙ୍କ ମରଶରୀରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୋମବାର କଟକ ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ଗୌତମ ମୁଖାର୍ଜୀ ମୁଖାଗ୍ନି ଦେଇଥିଲେ । ସୂଚନାଯୋଗ୍ୟ, ମୁଖାର୍ଜୀ ସୁପ୍ରିମକୋର୍ଟ, ଓଡ଼ିଶା ହାଇକୋର୍ଟ ଓ ନିମ୍ନ ଅଦାଲତରେ ବିଭିନ୍ନ ମକଦ୍ଦମା ପରିଚାଳନା କରି ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ଏସ୍‌ସିବି ମେଡିକାଲକୁ ଚକ୍ଷୁଦାନ କରିଥିଲେ। ମୁଖାର୍ଜୀଙ୍କ ସମ୍ମାନାର୍ଥେ ସୋମବାର ମଧ୍ୟାହ୍ନ ବିରତି ପରେ କୋର୍ଟ ବନ୍ଦ ରହିଥିଲା।

### ଦ୍ୱିତୀୟ ପର୍ଯ୍ୟାୟ: ଟିକା ନେଲେ ପ୍ରଫେସର, ଡାକ୍ତର

**କଟକ ଅଫିସ, ୧୮।୧-** ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଉପସ୍ଥିତିରେ ସୋମବାର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଅବସରପ୍ରାପ୍ତ ପ୍ରଫେସର, ପ୍ରଫେସର ଓ ଡାକ୍ତରମାନଙ୍କୁ ଟିକା ଦିଆଯାଇଥିଲା। ବର୍ତ୍ତମାନ ଟିକା ନେବାର ପ୍ରକୃଷ୍ଟ ସମୟ। ଭୟଭୀତ ନ ହୋଇ ସମସ୍ତେ ଟିକା ନେବା ଉଚିତ୍ ବୋଲି ଟିକା ନେଇଥିବା ଡାକ୍ତରମାନେ କହିଥିଲେ। ଟିକାକରଣ ସମୟରେ ଏସ୍‌ସିବି ଅଧୀକ୍ଷକ ଡା. ଲୁସୀ ଦାସ, ଉମେଶ ରାୟ, ଜୟନ୍ତ ପଣ୍ଡା, ଇନ୍ଦୁଭୂଷଣ କର, ଡା. ରବି ଶତପଥୀ, ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡି ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ

**ନିଶ୍ଚିନ୍ତକୋଇଲି,୧୮।୧(ସ୍ୱ.ପ୍ର.) -** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ବିଜେଡି କର୍ମକର୍ତ୍ତାଙ୍କ ନାମ ସୋମବାର ଘୋଷଣା ହୋଇଛି। ବ୍ଲକ ବିଜେଡି ସଭାପତି ଭାବେ ରମାକାନ୍ତ ମହାନ୍ତିଙ୍କୁ ଚୟନ କରାଯାଇଥିବା ବେଳେ ୯ ଜଣଙ୍କୁ ଉପସଭାପତି, ୫ ଜଣଙ୍କୁ ସାଧାରଣ ସମ୍ପାଦକ, ୧୫ ଜଣଙ୍କୁ ସମ୍ପାଦକ ଓ ୧୦ ଜଣଙ୍କୁ ଉପଦେଷ୍ଟା ଭାବେ ଘୋଷଣା କରାଯାଇଛି।




ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଆକ୍ରମଣ ଉଦ୍ୟମ, ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଓ ଡ୍ରାଇଭରଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପ୍ରତିବାଦରେ କଟକ ଜିଲା କଂଗ୍ରେସ ପ୍ରତିନିଧିମଣ୍ଡଳୀ ସୋମବାର କଟକ ଡିସିପିଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ଆସିଛନ୍ତି।

## ୨ ବଖରା, ଦୋକାନ ଜଳିଗଲା

ଖୁଣ୍ଟୁଣୀ,୧୮।୧(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ଖମାରନୂଆଗାଁ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବିନୋଦ ଖଟୁଆ ଓ ଶିଶିର ଖଟୁଆଙ୍କ ୨ ବଖରା ଏବଂ ପ୍ରସନ୍ନ ରାଉତଙ୍କ ସାଇକେଲ ଦୋକାନ ଜଳିଯାଇଛି। ଅଗ୍ନିକାଣ୍ଡରେ ଘରେ ଥିବା ଆସବାବପତ୍ର ସମେତ ଦୋକାନରେ ଥିବା ୧୮ଟି ସାଇକେଲ ନଷ୍ଟ ହୋଇଛି। ଏଥିସହ ଲକ୍ଷ୍ମଣ ଗୋଛି ଓ ନନ୍ଦ ନାୟକଙ୍କ ପାଳଗଦା ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ନିଆଁ ପ୍ରଥମେ ବିନୋଦଙ୍କ ଘରେ ଲାଗିଥିଲା। ପରେ ଏହା ଅନ୍ୟ ଘର ଓ ଦୋକାନକୁ ବ୍ୟାପିଯାଇଥିଲା। ଦମକଳ ପହଞ୍ଚିବାବେଳକୁ ଲକ୍ଷ୍ମଣ ଓ ନନ୍ଦଙ୍କ ପାଳଗଦା ଜଳୁଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଖୁଣ୍ଟୁଣୀଠାରେ ଦମକଳ କେନ୍ଦ୍ର ନ ଥିବାରୁ ନିଆଁକୁ ସହଜରେ ଆୟତ୍ତ କରିବା ସମ୍ଭବ ହେଲା ନାହିଁ ବୋଲି ବରିଷ୍ଠ ନାଗରିକ ମଞ୍ଚର ନରେନ୍ଦ୍ର ସେଠୀ କହିଛନ୍ତି। କ୍ଷୟକ୍ଷତିର ପରିମାଣ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ରାଜସ୍ୱ ନିରୀକ୍ଷକ ମନୋଜ ରାଉତ କହିଛନ୍ତି।

## ପିକ୍‌ନିକ୍ ସ୍ପଟ୍

# ଗଦ୍‌ଗଦା ଜଳପ୍ରପାତ



ପାହାଡ଼ ପର୍ବତ ଘେରା ରାୟଗଡ଼ା ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଝରଣା ଓ ଜଳପ୍ରପାତର ଅଭାବ ନାହିଁ। ହେଲେ ଏଥିମଧ୍ୟରୁ କେତୋଟି ଜିଲା ତଥା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବାବେଳେ ଆଉ କେତେକ ଦୃଷ୍ଟି ଆଢୁଆଳରେ ରହିଛି। ଜିଲାର ପ୍ରମୁଖ ଜଳପ୍ରପାତ ମଧ୍ୟରେ ବିଷମକଟକ ବ୍ଲକ୍ କୁର୍ଲି ପଞ୍ଚାୟତ ତଥା ନିୟମଗିରି ପର୍ବତାଞ୍ଚଳରେ ରହିଥିବା ଗଦ୍‌ଗଦା ଜଳପ୍ରପାତ ଅନ୍ୟତମ।

ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପ୍ରାୟ ୩୦ ରୁ ୪୦ ଫୁଟ ଉଚ୍ଚରୁ ଝରିଆସୁଥିବା ଝରଣା ଏବଂ ଶୈବପୀଠ ଏଠାକାର ପ୍ରମୁଖ ଆକର୍ଷଣ। ଏତଦ୍‌ବ୍ୟତୀତ ଆଦିମ ଜନଜାତି ଡଙ୍ଗରିଆଙ୍କ ଚାଲିଚଳଣି ଓ ନିୟମଗିରି ପର୍ବତର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଏହା ପରିସରରେ ପିକ୍‌ନିକ୍‌ର ମଜା ଉଠାଇବାକୁ ଏଠାରେ ଶୀତଋତୁରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ନିୟମଗିରି ପାହାଡ଼ର ସବୁଜିମାଭରା ଅଙ୍କାବଙ୍କା ରାସ୍ତାଦେଇ ଯିବାବେଳେ ଶୀତର ସ୍ପର୍ଶ ଏବଂ ରାସ୍ତା ପାର୍ଶ୍ୱରେ କଦଳୀ ବଗିଚା, କମଳା, ହଳଦୀ, ଅଦା ବଗିଚାର ଦୃଶ୍ୟ ମଧ୍ୟ ମନକୁ କମ୍ ଛୁଇଁ ନ ଥାଏ। ଚାଟିକଣା ତଥା ନିୟମଗିରି ପାଦଦେଶରେ ରହିଥିବା ଶୈବପୀଠକୁ ଇକୋ ଟୁରିଜମ୍ କରିବା ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫଳକ ଲାଗିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସୁବିଧା କରାଯାଇନାହିଁ। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ବନ ବିଭାଗ ପକ୍ଷରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଇକୋ ଟୁରିଜମ୍ ନିମନ୍ତେ ମଞ୍ଜୁର କରାଯାଇଥିଲା। କିନ୍ତୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ତାହା ହୋଇପାରି ନ ଥିଲା। ଏବେ ବିଷମକଟକ ବ୍ଲକ୍ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ଗଦ୍‌ଗଦା ଜଳପ୍ରପାତ ପରିସରର ଉନ୍ନତୀକରଣ କରାଯାଉଛି। ଏହି ଅଞ୍ଚଳର ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଉଛି।

**କେମିତି ଯିବେ**

ରାୟଗଡ଼ା ସହରରୁ ୪୦କି.ମି. ଦୂରତାରେ ରହିଛି ଚାଟିକଣା। ସେଠାରୁ ୨କି.ମି. ପରେ ପଡ଼େ ପ୍ରସିଦ୍ଧ ଶୈବପୀଠ। ସେଠାରୁ ନିୟମଗିରି ପର୍ବତ ଉପରକୁ ଆଉ ୨.୫ କି.ମି. ବାଟ ଗଲେ ରାସ୍ତା ପାର୍ଶ୍ୱରେ ପଡ଼େ ଗଦ୍‌ଗଦା ଜଳପ୍ରପାତ।

**– ରିପୋର୍ଟ: ବିଭୂତି ଭୂଷଣ ନାୟକ, ବିଷମକଟକ, ରାୟଗଡ଼ା**

## ସାମୂହିକ ଉନ୍ନୟନ କେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୧୮।୧(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ୯ନଂ. ୱାର୍ଡ କପାଳେଶ୍ୱର ମନ୍ଦିର ପରିସରରେ ସାମୁହିକ ଉନ୍ନୟନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଏହି ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇମ୍ପାର ଅଧିକାରୀ ସାରଦା ପ୍ରସାଦ ରାଓ, ମାନସ ରଞ୍ଜନ ପ୍ରଧାନ, ଆଶିଷ କୁମାର ଦାସ, ଧ୍ରୁବଚରଣ ରାଉତ, ମନ୍ଦିର ପରିଚାଳନା କମିଟି ସଭାପତି ବାଳକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ପୂର୍ବ ଶତ୍ରୁତାରୁ ଟାଙ୍ଗିଆରେ ଆକ୍ରମଣ: ୨ ଗିରଫ

ଭୁବନେଶ୍ୱର,୧୮।୧(ବ୍ୟୁରୋ):

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ସୋମବାର ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଉପରସାହିର ଅଭିଷେକ ଜେନା ଓ ଝରଣା ସାହିର ଦିନେଶ ମହାନ୍ତି। ପୋଲିସ ସେମାନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ହୋଇଥିବା ଟାଙ୍ଗିଆକୁ ଜବତ କରିଛି। ସୂଚନା ଅନୁଯାୟୀ, ଅଭିଷେକ ଓ ଦିନେଶଙ୍କର ସ୍ଥାନୀୟ ଅଞ୍ଚଳର ସଞ୍ଜୟ କୁମାର ବେହେରାଙ୍କ ସହ ଦୀର୍ଘଦିନ ହେବ ଶତ୍ରୁତା ରହିଛି। ରବିବାର ଉଭୟଙ୍କର ସଞ୍ଜୟଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ସଞ୍ଜୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୌଡ଼ି ବଡଗଡ ଥାନାରେ ପଶିଯାଇଥିଲେ। ପୋଲିସ ଆହତ ସଞ୍ଜୟଙ୍କୁ କ୍ୟାପିଟାଲ୍ ହସ୍ପିଟାଲ ପଠାଇଥିଲା। ପରେ ସଞ୍ଜୟଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

## ପୁଣି ରିମାଣ୍ଡରେ ଆଣିବ ପୋଲିସ

**କିଡ୍‌ନୀ ନାଁରେ ଠକେଇ ଘଟଣା**

ଭୁବନେଶ୍ୱର,୧୮।୧(ବ୍ୟୁରୋ)

କିଡ୍‌ନୀ ଦେବାକୁ କହି ଲୋକଙ୍କୁ କୋଟି କୋଟି ଟଙ୍କା ଠକିଥିବା ମୁଖ୍ୟ ଅଭିଯୁକ୍ତ ହିମାଂଶୁ ନନ୍ଦଙ୍କୁ ନୟାପଲ୍ଲୀ ଥାନା ପୋଲିସ ୩ଦିନିଆ ରିମାଣ୍ଡରେ ଆଣିଥିବା ବେଳେ ସୋମବାର ଅବଧି ଶେଷ ହୋଇଛି। ରିମାଣ୍ଡ ସମୟରେ ହିମାଂଶୁ ଠକେଇ ଟଙ୍କା ବିଭିନ୍ନ ବ୍ୟବସାୟରେ ଲଗାଇଥିବା କଥା ପୋଲିସ ଆଗରେ କହିଥିଲେ। ହେଲେ ତାଙ୍କ ସହ ଆଉ କିଏ ଏହି ର୍ୟାକେଟ୍‌ରେ ସମ୍ପୃକ୍ତ ଅଛନ୍ତି ପୋଲିସ ମାରାଥନ ଜେରା କରିଥିଲେ ମଧ୍ୟ ହିମାଂଶୁ ମୁହଁ ଖୋଲି ନାହାନ୍ତି। ପୋଲିସ ଅଭିଯୁକ୍ତଙ୍କୁ ପିପିଲିସ୍ଥିତ ତାଙ୍କ ସାଇ ଇଣ୍ଟେରିଅର ଶୋ'ରୁମ୍‌କୁ ନେଇ ଜେରା କରିଥିଲା। ହେଲେ ପୋଲିସ ସମସ୍ତ ଘଟଣା ଉପରୁ ପରଦା ଉଠାଇ ପାରିନାହିଁ। ତେଣୁ ଖୁବ୍‌ଶୀଘ୍ର ହିମାଂଶୁଙ୍କୁ ଅନ୍ୟ ଥାନା ମାମଲାରେ ଆଉଥରେ ରିମାଣ୍ଡରେ ଆଣିବାକୁ କମିଶନ୍‌ରେଟ୍ ପୋଲିସ ଯୋଜନା କରୁଥିବା ଜଣାପଡିଛି। ହିମାଂଶୁଙ୍କ ଅନ୍ୟଜଣେ ସହଯୋଗୀ ସଞ୍ଜୀବଙ୍କ ନାଁରେ ମଧ୍ୟ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। ତେଣୁ ପୋଲିସ ସଞ୍ଜୀବଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଛି। କିଡ୍‌ନୀ ଚୋରା ଚାଲାଣ ଘଟଣାରେ କେଉଁ ଡାକ୍ତର କିମ୍ବା ଘରୋଇ ହସ୍ପିଟାଲର ଲିଙ୍କ୍ ଥିବା ନେଇ ହିମାଂଶୁ ପୋଲିସ ଆଗରେ ମୁହଁ ଖୋଲି ନ ଥିବାରୁ ପୁଣି ରିମାଣ୍ଡରେ ଆଣିବା ନେଇ ପୋଲିସ ଚିନ୍ତା କରୁଛି।

## ୭୦୪ ମାମଲାର ତଦନ୍ତ ରିପୋର୍ଟ ଦାଖଲ

କଟକ ଅଫିସ, ୧୮।୧

ଏସ୍‌ସି ଏବଂ ଏସ୍‌ଟି ପ୍ରିଭେନସନ ଅଫ ଆଟ୍ରୋସିଟିଜ୍ ଅଧିନିୟମ ଅନୁସାରେ ଅତ୍ୟାଚାରର ଶିକାର ବ୍ୟକ୍ତିଙ୍କୁ କ୍ଷତିପୂରଣ ଦିଆଯିବା ବ୍ୟବସ୍ଥା ରହିଛି। ଏଥିପାଇଁ ଜଣେ ଡିଏସ୍‌ପି ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଯୁଗ୍ମ ତଦନ୍ତ କରାଯାଇ ମାମଲା ସଂକ୍ରାନ୍ତୀୟ ରିପୋର୍ଟ ଦାଖଲର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ଗତ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ପେଶାଲ ଡ୍ରାଇଭ କରାଯାଇଥିଲା। ଏଥିରେ ଡିଏସ୍‌ପି ଓ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଦ୍ୱାରା ରାଜ୍ୟର ୭୦୪ଟି ମାମଲାର ଯୁଗ୍ମ ତଦନ୍ତ କରାଯାଇ ଡିଜିପିଙ୍କୁ ରିପୋର୍ଟ ଦାଖଲ କରାଯାଇଛି। ଏହି ଅଭିଯାନରେ ୧୦୦ରୁ ଊର୍ଦ୍ଧ୍ୱ ଯୁଗ୍ମ ତଦନ୍ତ ରିପୋର୍ଟ ଦାଖଲ କରିଥିବା ହେତୁ ପୁରୀ ଓ ବାଲେଶ୍ୱର ଜିଲା ପୋଲିସକୁ ଡିଜିପି ପ୍ରଶଂସା କରିଛନ୍ତି।

## କାର, ଗଞ୍ଜେଇ ଜବତ: ୩ ଗିରଫ

କଟକ ଅଫିସ, ୧୮।୧-

କଟକ ସଦର ଥାନା ଅଧୀନ ଗୋପାଳପୁର ଛକରେ ସ୍ଥାନୀୟ ଅବକାରୀ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ପକ୍ଷରୁ ସୋମବାର ସକାଳେ ଚଢାଉ କରାଯାଇ ଏକ କାର୍ (ନଂ. ଓଡି୦୮ଏନ-୧୬୧୫) ସହ ୨୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କଳାହାଣ୍ଡି ଜିଲା ମୋହନଗିରିର ବାଳଗୋପାଳ ଥାନପତି, ଧିରଜ ଗଡତିଆ ଓ ଉଦୟ ସାହୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ବାଲିଗୁଡାରୁ ଉକ୍ତ କାରରେ ଗଞ୍ଜେଇ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ସ୍କ୍ୱାର୍ଡର ଅଧିକାରୀଙ୍କ ହାତରେ ଧରାପଡିଥିଲେ।

## କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ଗଣଧାରଣା

**ଟାଙ୍ଗୀ,(କଟକ)୧୮।୧(ଡି.ଏନ୍.ଏ.):** ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ସୋମବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟଠାରେ ସିପିଆଇ(ଏମ୍) ପକ୍ଷରୁ ଗଣଧାରଣା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା କୃଷକ ସଭାର କଟକ ଜିଲା କମିଟି ସମ୍ପାଦକ ଡମ୍ବରୁଧର ସାହୁ ସଭାପତିତ୍ୱ କରିଥିଲେ। ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟା ପୁଷ୍ପା ଦାଶ, କୃଷକ ସଭା ଜିଲା ସଭାପତି ମଧୁସୂଦନ ପତି, ବଦ୍ରି ନାରାୟଣ ଦାଶ ଓ ରବିନାରାୟଣ ମଲ୍ଲିକ ଯୋଗଦେଇଥିଲେ। ଟାଙ୍ଗୀର ଚାଷୀମାନେ ପର୍ଯ୍ୟାୟକ୍ରମେ ସୋମବାରଠାରୁ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଚାଲୁ ରଖିବେ। ବିଷ୍ଣୁ ବେହେରା, ଚନ୍ଦ୍ରମୋହନ ମାଝି, ମଳୟ ପୃଷ୍ଟି, ବିପିନ ବିହାରୀ ସାହୁ, ଜୟ ସିଂ, ମହେନ୍ଦ୍ର ଜେନା, ଗଙ୍ଗା ତିରିଆ ଏବଂ ନିର୍ମାଣ ଶ୍ରମିକ ନେତା ମହେନ୍ଦ୍ର ବେହେରା ନେତୃତ୍ୱ ନେବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କୃଷକ ଆନ୍ଦୋଳନରେ ଯୋଗଦେବା ନିମନ୍ତେ ଯୁବନେତା ରଶ୍ମୀ ରଞ୍ଜନ ତ୍ରିପାଠୀ, ସମିତି ସଭ୍ୟ ରମେଶ ବେହେରା ଓ ବିଶ୍ୱରଞ୍ଜନ ନାୟକଙ୍କ ସମେତ ୨୦ଜଣିଆ ଟିମ୍ ଆସନ୍ତା ୨୧ରେ ଦିଲ୍ଲୀ ଯାତ୍ରା କରିବେ ବୋଲି ବଦ୍ରିନାରାୟଣ କହିଥିଲେ।

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ. ELS-ANGL-OT-20-21-07

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ / TRS / ଅନୁଗୋଳ ଠାରେ ବ୍ରେକ୍ ଡାଉନ ଏବଂ ଆପାତକାଳୀନ ଡ୍ୟୁଟି, ଲାଇନ୍‌ଚ୍ୟୁତ (Derailment), ଦୁର୍ଘଟଣା (Accidents) ଏବଂ କାର୍ଯ୍ୟାଳୟ ବ୍ୟବହାର ଇତ୍ୟାଦି ପାଇଁ ଚାଳକ ଏବଂ ଇନ୍ଧନ ସହିତ ଗୋଟିଏ ବହୁ ଉପଯୋଗିତା ହାଲୁକା ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 12,76,614.87, EMD (ଟଙ୍କାରେ) : 25,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.01.2021ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.02.2021ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୋଳ
PR-496/L/20-21

## ଅଙ୍ଗଦାନ କାର୍ଯ୍ୟକ୍ରମ

କଟକ ଅଫିସ, ୧୮।୧-

ଚାଉଳିଆଗଞ୍ଜସ୍ଥିତ ଶ୍ରଦ୍ଧା ଗାର୍ଡେନ୍‌ରେ ସାମାଜିକ ଅନୁଷ୍ଠାନ ସ୍ୱପ୍ନ ଫାଉଣ୍ଡେସନ ପକ୍ଷରୁ ଅଙ୍ଗଦାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଡ଼ି ଆଣ୍ଡ ଅର୍ଗାନ ଡୋନେସନ ଅଫ୍ ଇଣ୍ଡିଆର ସଭାପତି ଡା. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଅଙ୍ଗଦାନର ମହତ୍ୱ ଓ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଅଖିଳ ଭାରତୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ସଭାପତି ଇଂ. ପ୍ରଦୀପ ବେହେରା, ସଞ୍ଜୟ ବିଶ୍ୱାଳ, ଲିଙ୍କ୍ ଆଇ ହସ୍ପିଟାଲର ମୁଖ୍ୟ ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ସୁଧାଂଶୁ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ୧୦୭ ଜଣ ସଦସ୍ୟ ଓ ସାଧାରଣ ଲୋକ ସାମିଲ ହୋଇ ଅଙ୍ଗଦାନ ପତ୍ରରେ ଦସ୍ତଖତ କରିଥିଲେ।

# ଦୁର୍ଘଟଣା ରୋକିବାକୁ ଗୁରୁତ୍ୱ

କଟକ ଅଫିସ, ୧୮।୧

ଜାତୀୟ ସଡକ ସୁରକ୍ଷା ମାସ ଓ ଜିଲାରେ ୩୨ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସିଡିଏସ୍ଥିତ ଡ୍ରାଇଭିଂ ଟେଷ୍ଟିଂଟ୍ରାକଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବହନ କମିଶନର ସଞ୍ଜୀବ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ରଥ ଶୁଭାରମ୍ଭ ହୋଇଥିଲା। ଏଥିରେ ପଣ୍ଡା ଯୋଗଦେଇ 'ସଡ଼କ ସୁରକ୍ଷା-ଜୀବନ ରକ୍ଷା' ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ସଡ଼କ ଦୁର୍ଘଟଣାରେ ଅନେକ ଜୀବନ ଯାଉଛି। ଦ୍ରୁତ ଗାଡିଚାଳନା, ମଦ୍ୟପାନ କରି ଗାଡି ଚଳେଇବା, ଗାଡି ଚଳେଇବା ସମୟରେ ମୋବାଇଲ ବ୍ୟବହାର କରିବା, ହେଲ୍‌ମେଟ ବ୍ୟବହାର ନ କରିବା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ତେଣୁ ଏ ଦିଗରେ ଦୃଷ୍ଟି ଦେବା ପାଇଁ ପରିବହନ କମିଶନର ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପ୍ରତୀକ ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଜିଲା ଆରକ୍ଷୀ ଅଧିକ୍ଷକ ବି. ଯୁଗଳ କିଶୋର, ଟ୍ରାଫିକ ଏସିପି ଦେବଜ୍ୟୋତି ଦାଶଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଅଟୋଗୁଡିକରେ ସଡ଼କ ସୁରକ୍ଷା ସମ୍ପର୍କିତ ଷ୍ଟିକର ଲଗାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ପରିବହନ କମିଶନର ସଞ୍ଜୀବ ପଣ୍ଡା ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରତାପ କେଶରୀ ମହାନ୍ତି

ଆବିର୍ଭାବ-୧୩।୧୦।୧୯୫୦
ତିରୋଧାନ- ୦୯।୦୧।୨୦୨୧
ଢାଉରଙ୍ଗସାହି (ସାକ୍ଷୀଗୋପାଳ)

ତୁମେ ଶ୍ରୀଜଗନ୍ନାଥଙ୍କୁ ସବୁବେଳେ ଡାକୁଥିଲ, ଶ୍ରୀଜଗନ୍ନାଥ ତୁମକୁ ପାଖକୁ ଡାକିନେଲେ। ସେହି ପ୍ରଭୁ ତୁମର ମହାନ୍ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ତୁମର ଆଶୀର୍ବାଦ ଆମ ଉପରେ ସବୁବେଳେ ରହୁ।

ତୁମର ହତଭାଗା ପରିବାର

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
PLOT NO : C-71, SECTOR-7, C.D.A, CUTTACK, ODISHA
**O.A. NO. 87 of 2011**

HDFC BANK LIMITED ..............................APPLICANT
-VERSUS-
M/S. KONARK CYLINDERS AND CONTAINERS PVT LTD. AND OTHERS ............................DEFENDANTS

To,
D3. Debasis Mohapatra, At: M/s. Konark Cylinders & Containers Pvt. Ltd., Plot No. 12, Sector-A, Zone-B, Mancheswar Industrial Estate, Bhubaneswar-751010.
D4. Bidyutlata Mohapatra, At: M/s. Konark Cylinders & Containers Pvt Ltd., Plot No. 12, Sector-A, Zone-B, Mancheswar Industrial Estate, Bhubanswar-751010.
D5. Dillip Kumar Das, At : M/s. Konark Cylinders & Containers Pvt Ltd., Plot No. 12, Sector-A, Zone-B, Mancheswar Industrial Estate, Bhubanswar-751010.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an O.A No. 87/2011 in the court of the Debts Recovery Tribunal, Cuttack for recovery of **Rs.78,52,353.54** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of his defense to show cause within 30 days from the date of publication or on **10th February, 2021** at 10.30 am as to why reliefs prayed for should not granted.

Take notice that in case of default the applicant will be heard and determined in his absence.

Given under my hand and seal of this Tribunal on this 14th day of January, 2021.

Sd/- Registrar

## ପରେଡ୍ ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନ ସ୍ଥାନ ବଦଳିଲା

**ଭୁବନେଶ୍ୱର, (ବ୍ୟୁରୋ):** ଲୋୟର ପିଏମ୍‌ଜିରେ ଚାକିରି ହରାଇଥିବା କୋଭିଡ୍-୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନ ୫୬ ଦିନରେ ପହଞ୍ଚିଛି। ସରକାର ଦାବି ପୂରଣ କରୁ ନ ଥିବାବେଳେ ଆଲୋଚନା ପାଇଁ ଡାକୁ ନ ଥିବାରୁ ଆନ୍ଦୋଳନ ଜାରି ରହିଛି। ତେବେ ଜାନୁୟାରୀ ୨୬ରେ ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ଗଣଧାରଣାକୁ ସ୍ୱାଧୀନତା ସଂଗ୍ରାମୀ ପଡ଼ିଆ ସମ୍ମୁଖ ରାସ୍ତାକଡ଼କୁ ସ୍ଥାନାନ୍ତର କରିବାକୁ ରାଜ୍ୟ ଏଏନ୍‌ଏମ୍ ସିସିଏଚ୍ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ନିଷ୍ପତ୍ତି ନେଇଛି। ୧୯ରୁ ୨୭ ତାରିଖ ପର୍ଯ୍ୟନ୍ତ ସେହି ସ୍ଥାନରେ ଧାରଣା ଚାଲିବ। ଏହାପରେ ପୁଣି ଲୋୟର ପିଏମ୍‌ଜି ଧାରଣାସ୍ଥଳକୁ ଫେରିବୁ ବୋଲି ସଂଘର ସୁନିତା ପାତ୍ର କହିଛନ୍ତି।

## ସଂକ୍ଷେପରେ

### ଲାଞ୍ଚ ନେଇ ପୂର୍ବତନ ଡାଟା ଏଣ୍ଟ୍ରି ଅପରେଟର ଗିରଫ

**ଖୋର୍ଦ୍ଧାଅଫିସ ୧୮।୧ :** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଜିପିଇଓ ସେକ୍ସନର ପୂର୍ବତନ ଡାଟା ଏଣ୍ଟ୍ରି ଅପରେଟର ତଥା ବର୍ତ୍ତମାନ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ପ୍ରଶାନ୍ତ କୁମାର ମହାପାତ୍ର ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ବିବାହ ପ୍ରମାଣପତ୍ର କରାଇଦେବାକୁ କହି ୩ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହ ଲାଞ୍ଚ ଟଙ୍କା ଜବତ କରିଛି। ସୂଚନା ମୁତାବକ, ଖଙ୍ଗୁରିଆ ପଞ୍ଚାୟତର ବିକାଶ କୁମାର ସ୍ୱାଇଁ ତାଙ୍କ ଝିଆରୀ ଓ ମାଉସୀ ଝିଅ ଦୁଇଜଣଙ୍କର ବିବାହ ପ୍ରମାଣପତ୍ର ପାଇବା ଆବେଦନ କରିଥିଲେ। ଏଥିଲାଗି ପ୍ରଶାନ୍ତ ଉତ୍କୋଚ ଦାବି କରିଥିଲେ। ଏନେଇ ବିକାଶ ଖୋର୍ଦ୍ଧା ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ସୋମବାର ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଶାନ୍ତ ଲାଞ୍ଚ ନେଉଥିବାବେଳେ ସାଦା ପୋଷାକରେ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ତାଙ୍କଠାରୁ ରଙ୍ଗ ପ୍ରଲେପ ଦିଆ ୬ଟି ୫ଶହ ଟଙ୍କିଆ ନୋଟ୍ ଜବତ କରାଯାଇଥିବା ନେଇ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ପାଣିଗ୍ରାହୀ କହିଛନ୍ତି।

### ବିଜିୟୁରେ ବ୍ୟାଙ୍କିଙ୍ଗ୍ ଟେକ୍ନୋଲୋଜି ସ୍ପେଶାଲାଇଜେଶନ ପାଠ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ଏମ୍‌ବିଏରେ ବ୍ୟାଙ୍କିଙ୍ଗ୍ ଟେକ୍ନୋଲୋଜି ସ୍ପେଶାଲାଇଜେଶନ ପାଠ୍ୟକ୍ରମ ଆରମ୍ଭ ହୋଇଛି। କୁଳପତି ପ୍ରଫେସର ପି. ପି. ମାଥୁର ଏହି ପାଠ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରେଜିଷ୍ଟ୍ରାର ପ୍ରଫେସର ବି. କେ. ଦାସ, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପି. ନାୟକ, ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ଡ. ସାମସନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପାଠ୍ୟକ୍ରମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବିଜ୍‌ନେସ୍ ଡାଟା ଆନାଲିଟିକ୍ସ, ବ୍ଲକ୍ ଚେନ୍, ସାଇବର ସିକ୍ୟୁରିଟି, ରୋବୋଟିକ୍ ପ୍ରସେସ୍ ଅଟୋମେଶନ ଓ କ୍ଲାଉଡ୍ କମ୍ପ୍ୟୁଟିଂ ଆଦିରେ କୌଶଳତା ପ୍ରଦାନ କରିବାରେ ସାହାଯ୍ୟ କରିବ ବୋଲି ବିଜିୟୁ ପକ୍ଷରୁ କୁହାଯାଇଛି।

### ‘ଗାଁ ଦିବସ’ ଅଭିଯାନ ଶୁଭାରମ୍ଭ

**ଭୁବନେଶ୍ୱର,୧୮।୧(ବ୍ୟୁରୋ):** ଗାଁ କଳା ସଂସ୍କୃତିର ପ୍ରସାର ପ୍ରଚାର ପାଇଁ ‘କଳାକ୍ଷେତ୍ର’ ପକ୍ଷରୁ ଆରମ୍ଭ ହୋଇଛି ‘ଗାଁ ଦିବସ’ ଅଭିଯାନ। ଯୋଜନା, ସମନ୍ୱୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ରବିବାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ, ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ସୁରଥ ଚନ୍ଦ୍ର ମଲ୍ଲିକ, ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସୁଶୀଲ କୁମାର ଦାସ, ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରାଜେନ୍ଦ୍ର ପଟ୍ଟନାୟକ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଊର୍ମି ଦାନିଏଲ ପ୍ରମୁଖ ଉପସ୍ଥିତ ରହି ‘ଗାଁ ଦିବସ’ର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଢେଙ୍କାନାଳ ଜିଲା ପ୍ରଶାସନ ଓ କଳାକ୍ଷେତ୍ର ପ୍ରଥମ ଗାଁ ଦିବସ ଫେବୃୟାରୀ ୨୮ରେ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା। କଳାକ୍ଷେତ୍ରର ସଭାପତି ଅମରେନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ ଓ ସମ୍ପାଦକ ବାସୁଦେବ ମାଳବିଶୋଇ ଧନ୍ୟବାଦ ଦେଇଥିଲେ।

### ୨୦ରେ ସମସ୍ତ ଉଠାଦୋକାନ, ଭେଣ୍ଡିଂଜୋନ୍ ବନ୍ଦ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ଆସନ୍ତା ୨୦ ତାରିଖରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ଥିବା ଉଠାଦୋକାନ ଓ ଭେଣ୍ଡିଂଜୋନ ବନ୍ଦ ରହିବ। ଏ ନେଇ ସୋମବାର ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁ ଜଣାଇଛନ୍ତି। ଜାନୁୟାରୀ ୨୦ରେ ପାର୍ଲାମେଣ୍ଟରେ ଉଠାଦୋକାନୀ ଆଇନ୍ ୨୦୧୪ ପାରିତ ହୋଇଥିବାରୁ ଏହି ଦିନଟିକୁ ମନେରଖିବା ପାଇଁ ସାରା ଭାରତବର୍ଷରେ ଜାତୀୟ ଉଠାଦୋକାନୀ ଦିବସ ଭାବେ ପାଳନ କରାଯାଇଥାଏ। ସମସ୍ତ ଦୋକାନୀ ଓ ସଂଘ ସକାଳ ୯ଟା ୪୫ରେ ଭୁବନେଶ୍ୱର ରାଜମହଲ ଛକରେ ପହଞ୍ଚିବାକୁ ପ୍ରତାପ ଅନୁରୋଧ କରିଛନ୍ତି। ସେଠାରୁ ସଚେତନତା ଶୋଭାଯାତ୍ରାରେ ୟୁନିଟ୍-୧ ଫଳ ଭେଣ୍ଡିଂଜୋନ୍‌ଠାରେ ଆୟୋଜିତ ଉତ୍ସବରେ ଯୋଗଦେବେ। ଏହିଦିନ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେବାକୁ ଥିବାରୁ ସେଥିପାଇଁ ସେ ଦୁଃଖ ପ୍ରକାଶ କରିଛନ୍ତି।



ଭୁବନେଶ୍ୱରସ୍ଥିତ ରାଜାରାଣୀ ମନ୍ଦିର ପରିସରରେ ରାଜାରାଣୀ ଉତ୍ସବର ସୋମବାର ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରସିଦ୍ଧ ଗାୟିକା ବିଦୁଷୀ ସୁଧା ରଘୁରମଣନ କର୍ନାଟକୀ ସଙ୍ଗୀତ ଗାନ କରୁଛନ୍ତି।

# କଣ୍ଠ-ଯନ୍ତ୍ର ସଙ୍ଗୀତର ଯୁଗଳବନ୍ଦୀ

### ରାଜାରାଣୀ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୧୮।୧(ଡି.ଏନ୍.ଏ.)**

ପାରମ୍ପରିକ ଓ ସମସାମୟିକ ବାଦ୍ୟର ଯୁଗଳବନ୍ଦୀ ସୃଷ୍ଟି କରିଥିଲା ଏକ ଭାବମୟ ପରିବେଶ। କର୍ନାଟକୀ ସଙ୍ଗୀତର ପ୍ରତିଟି ଧୁନ୍ ଶ୍ରୋତାଙ୍କ ହୃଦୟକୁ ସ୍ପର୍ଶ କରିଥିଲା। କଣ୍ଠ ଓ ଯନ୍ତ୍ର ସଙ୍ଗୀତର ଏହି ମହାମିଳନକୁ ମନଭରି ଉପଭୋଗ କରିଥିଲେ କଳାପ୍ରେମୀ। ଘଣ୍ଟା ଘଣ୍ଟା ଧରି ସଙ୍ଗୀତର ଶାସ୍ତ୍ରୀୟତାକୁ ବଖାଣିଥିଲେ ଶିଳ୍ପୀ। ଆଉ ଏହା ଭିତରେ ସୋମବାର କଳିଙ୍ଗ କଳାସ୍ଥାପତ୍ୟର ଚମତ୍କାର କଳାକୃତି ଏକାଦଶ ଶତାବ୍ଦୀର ପ୍ରସିଦ୍ଧ ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ହୋଇ ଉଠିଥିଲା ଉତ୍ସବମୁଖର। ଅବସର ଥିଲା ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସୋମବାର ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା।

ମହୋତ୍ସବର ପ୍ରଥମ ପ୍ରସ୍ତୁତି ଥିଲା ପ୍ରସିଦ୍ଧ ଗାୟିକା ବିଦୁଷୀ ସୁଧା ରଘୁରମଣନଙ୍କ କର୍ନାଟକୀ ସଙ୍ଗୀତ। ସିଦ୍ଧିବିନାୟକଙ୍କ ବନ୍ଦନା ରାଗ ଆସୀ ଓ ଆଦିତାଳରୁ ଆରମ୍ଭ କରି ରାଗ ହଂସ ଧ୍ୱନି, ରାଗଶ୍ରୀ ଏବଂ ଶିବପଞ୍ଚାକ୍ଷର ପରିବେଷଣ କରି ସେ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ରାଗ ବିସ୍ତାର ଓ ରସୋତ୍ତୀର୍ଣ୍ଣ ପରିବେଷଣ କରିଥିଲେ। ସୁଧାଙ୍କ ଶୁଦ୍ଧ ଉଚ୍ଚାରଣ, କମନୀୟ ଓ ଚିତ୍ତାକର୍ଷକ ସ୍ୱର ଦୀର୍ଘ ସମୟଧରି ଦର୍ଶକମାନଙ୍କୁ ଆହ୍ଲାଦିତକରି ରଖିଥିଲା। ସନ୍ଧ୍ୟାର ଦ୍ୱିତୀୟ ପ୍ରସ୍ତୁତି ଥିଲା ରିଦିମ୍‌ସ୍କେପ୍ ମାଷ୍ଟରୋ ବିକ୍ରମ ଘୋଷଙ୍କ ଦ୍ୱାରା ତବଲା ଫ୍ୟୁଜନ୍। ‘ଶିବ ତାଣ୍ଡବ’ରେ ସେ ତବଲା, ପଖୋଜ, କର୍ନାଟକୀ ମୃଦଙ୍ଗମ୍ ଓ ପାରମ୍ପରିକ ଶ୍ରୀଖୋଳ ସହିତ ସମସାମୟିକ ଡମ୍ବରୁ ବ୍ୟବହାର କରିଥିଲେ। ଦର୍ଶକ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ବିକ୍ରମଙ୍କ ଯନ୍ତ୍ର ସଙ୍ଗୀତକୁ ଉପଭୋଗ କରିଥିଲେ।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଅତିଥିଭାବେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଆର୍. ବାଲକ୍ରିଷ୍ଣନ୍, ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଯୋଗଦେଇଥିଲେ। ଡ. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଦେଶର ଶାସ୍ତ୍ରୀୟ ତଥା ପାରମ୍ପରିକ ସଙ୍ଗୀତକୁ ଗୋଟିଏ ମଞ୍ଚରେ ପ୍ରଦର୍ଶନ କରାଇ ଆଗାମୀ ପିଢ଼ିର କଳାକାରଙ୍କୁ ଆମ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ଆକର୍ଷିତ କରିବା ଏହି ମହୋତ୍ସବର ମୂଳ ଉଦ୍ଦେଶ୍ୟ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ୨୧ରୁ ତୋଷାଳି ମେଳା

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ମେଳା ଅନୁଧ୍ୟାନ କରିବ ଉଚ୍ଚସ୍ତରୀୟ କମିଟି
- ସାଂସ୍କୃତିକ କାର୍ଯ୍ୟକ୍ରମ ମନା, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଚଳିତବର୍ଷ ପଞ୍ଚଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆସନ୍ତା ୨୧ ତାରିଖରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ଜନତା ମଇଦାନରେ ଆୟୋଜିତ ହେବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ କାରିଗର, ବୁଣାକାର ଓ ହସ୍ତଶିଳ୍ପୀମାନେ ଅଂଶଗ୍ରହଣ କରି ସେମାନଙ୍କ ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦ ପ୍ରଦର୍ଶନ କରିବେ।

ସୋମବାର ଏ ସମ୍ପର୍କରେ ସୂଚନା ଦେଇ ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି, ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କ ସାମଗ୍ରୀର ବିକ୍ରି ନିମନ୍ତେ ଆବଶ୍ୟକ ବଜାର ସୃଷ୍ଟି କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଦକ୍ଷତା ଓ ଜ୍ଞାନ ବୃଦ୍ଧି ପାଇଁ ଭାବଗତ ଆଦାନପ୍ରଦାନର ସୁଯୋଗ ସୃଷ୍ଟି କରିବା ଏହି ମେଳାର ଆଭିମୁଖ୍ୟ। କୋଭିଡ୍ ଯୋଗୁ ଶିଳ୍ପୀ ଓ ବୁଣାକାରଙ୍କ ବ୍ୟବସାୟ ଠପ୍ ହୋଇଯାଇଥିବାବେଳେ ତୋଷାଳି ମେଳା ସେମାନଙ୍କୁ ମାର୍କେଟିଂ ପରିସର ପ୍ରଦାନ କରିବା ସହ ଶକ୍ତି ଯୋଗାଇବ ବୋଲି ମନ୍ତ୍ରୀ କହିଛନ୍ତି।

୨୧ ତାରିଖ ସନ୍ଧ୍ୟା ୬ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଳାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ମେଳା ଚାଲିବ। ଚଳିତ ବର୍ଷ ମେଳାରେ ୨୫୦ ଷ୍ଟଲ୍ ପଡ଼ିବ। ୪୦ ବୁଣାକାର, ୪୦ କାରିଗର ବିକାଶ ଆୟୁକ୍ତ(ହସ୍ତତନ୍ତ), ବିକାଶ ଆୟୁକ୍ତ(ହସ୍ତଶିଳ୍ପ), ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଷ୍ଟଲ୍ ରହିବ। ଏହାସହିତ ୧୧୦ ଜଣ କାରିଗର ଓ ୬୦ ଜଣ ବୁଣାକାରଙ୍କୁ ଯଥାକ୍ରମେ ରାଜ୍ୟ କୁଟୀର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର ଏବଂ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ତରଫରୁ ଷ୍ଟଲ୍ ଯୋଗାଇ ଦିଆଯିବ। କୋଭିଡ୍‌କୁ ଦୃଷ୍ଟିରେ ରଖି ଜନସମାବେଶକୁ ଏଡ଼ାଇବା ପାଇଁ ଚଳିତବର୍ଷ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବନାହିଁ। ଦିବ୍ୟାଙ୍ଗଙ୍କ ଲାଗି ମେଳା ପରିସରରେ ହୁଇଲ୍ ଚେୟାର ସହିତ ଏକ ସ୍ୱତନ୍ତ୍ର ହେଲ୍ପ ଡେସ୍କ, ପାର୍କିଂ ସ୍ଥାନର ବ୍ୟବସ୍ଥା ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ମେଳାରେ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ପାଳନ କରାଯିବ। ଏହା ଉପରେ କଡ଼ା ନଜର ରଖିବା ପାଇଁ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ବାଚସ୍ପତିଙ୍କ ଦ୍ୱାରା ‘ଅସୁମାରୀ ସ୍ୱପ୍ନ’ ଉନ୍ମୋଚିତ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ସାମାଜିକ କର୍ମୀ ଘାସିରାମ ପଣ୍ଡାଙ୍କ ପୁସ୍ତକ ‘ଅସୁମାରୀ ସ୍ୱପ୍ନ’ ସୋମବାର ବିଧାନସଭାସ୍ଥିତ ବାଚସ୍ପତିଙ୍କ ସଭାକକ୍ଷରେ ଲୋକାର୍ପିତ ହୋଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପୁସ୍ତକ ଉନ୍ମୋଚନ କରିବା ସହ ପ୍ରବନ୍ଧଗୁଡ଼ିକ ଉଚ୍ଚମାନର ଓ ସମସାମୟିକ ସମସ୍ୟା ଆଧାରିତ ବୋଲି ମତବ୍ୟକ୍ତ କରିଛନ୍ତି। ଏଥିରେ ପଣ୍ଡାଙ୍କ ଲିଖିତ ୩୬ଟି ପ୍ରବନ୍ଧ ପ୍ରକାଶ ପାଇଛି। ଆ’କାର ସୁବର୍ଣ୍ଣପୁର ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଲେଖକଙ୍କ ନିଜସ୍ୱ ଅନୁଭୂତି ଆଧାରିତ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର, ମହିଳା କମିଶନର ଅଧ୍ୟକ୍ଷା ଡ. ମିନତି ବେହେରା, ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଆକ୍ସନ୍‌ଏଡ୍‌ର ସହାୟକ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଧାନସଭା ସଚିବ ଦାଶରଥୀ ଶତପଥି ଅଧ୍ୟକ୍ଷତା କରିଥିଲେ।

# ସଚେତନ ରହିଲେ ସୁରକ୍ଷିତ ରହିବେ : କମିଶନର

**ଭୁବନେଶ୍ୱର,୧୮।୧(ବ୍ୟୁରେ)**





ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଓ ଅନ୍ୟ ଅତିଥିମାନେ ‘ହେଲ୍‌ଥ ମାନୁଆଲ୍ ଫର୍ ଓଡ଼ିଶା ପୋଲିସ’ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

ଗଣତାନ୍ତ୍ରିକ ଦେଶରେ ଯେ ପର୍ଯ୍ୟନ୍ତ ସାଧାରଣ ଲୋକେ ସଚେତନ ନ ହେବେ ସେ ପର୍ଯ୍ୟନ୍ତ ଆଇନ୍‌କୁ କଡାକଡି ପାଳନ କରିବା ଓ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ସମ୍ଭବପର ନୁହେଁ। ନିଜେ ସଚେତନ ରହିଲେ ନିଜକୁ ସୁରକ୍ଷିତ ରଖିପାରିବା। ସୋମବାର ଏଜି ଛକସ୍ଥିତ ଟ୍ରାଫିକ ଥାନା-୧ରେ ଆୟୋଜିତ ୩୨ତମ ‘ସଡ଼କ ସୁରକ୍ଷା ମାସ’କୁ ଉଦ୍‌ଘାଟନ କରି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏହା କହିଛନ୍ତି। ପ୍ରତିବର୍ଷ ସଡକ ସୁରକ୍ଷା ସପ୍ତାହ ପାଳନ କରି ଲୋକଙ୍କୁ ସଚେତନ କରାଯାଉଛି। ମୋଟା ଅଙ୍କର ଜରିମାନା ସତ୍ତ୍ୱେ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଆଇନକୁ ପାଳନ କରୁନାହାନ୍ତି। ତେଣୁ ଲୋକଙ୍କୁ ଅଧିକ ସଚେତନ କରିବା ପାଇଁ ଚଳିତବର୍ଷ ସଡକ ସୁରକ୍ଷା ମାସ ପାଳନ କରାଯାଉଛି ବୋଲି ସେ କହିଛନ୍ତି।

ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର କହିଲେ, ଆସନ୍ତା ୧୭ ତାରିଖ ଯାଏ କମିଶନରେଟ୍ ପୋଲିସ ପକ୍ଷରୁ ଟ୍ୱିନ୍‌ସିଟିର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଟ୍ୱିନ୍‌ସିଟିରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯାଇଥିବାବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସହ ମିଶି ଜନସାଧାରଣଙ୍କୁ ସଚେତନ କରାଇବେ। ଏହାସହ ପୋଲିସ ବିଭିନ୍ନ ବସ୍ତିକୁ ଯାଇ ବସ୍ତି ବାସିନ୍ଦାଙ୍କୁ ଟ୍ରାଫିକ ନିୟମ ବାବଦରେ ସଚେତନ କରାଇବ। ସେହିପରି ଡବଲ୍ ହେଲ୍‌ମେଟ୍ ଓ ରଙ୍ଗ୍ ସାଇଡ୍ ଡ୍ରାଇଭିଂ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଯେ କୌଣସି ପରିସ୍ଥିତିରେ ଲୋକଙ୍କ ଜୀବନ ବଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ଡିସିପ ମିଶ୍ର କହିଛନ୍ତି।

### ୩୨ତମ ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଘାଟିତ

- ୧୭ ଯାଏ ଟ୍ୱିନ୍‌ସିଟିରେ ସଚେତନତା କାର୍ଯ୍ୟକ୍ରମ
- ଆମ୍ରି ପକ୍ଷରୁ ୨୫ ଫାଷ୍ଟ-ଏଡ୍ କିଟ୍ ବକ୍ସ ପ୍ରଦାନ

ଏହି ଅବସରରେ ପୋଲିସ କମିଶନର ଟ୍ରାଫିକ ଥାନା-୧ର ସହାୟତା ସେଲ୍ ଉଦ୍‌ଘାଟନ୍ କରିଥିଲେ। ଟ୍ରାଫିକ ନିୟମ ଓ ଜରିମାନା ସମ୍ପର୍କରେ କୌଣସି ସୂଚନା ପାଇଁ ଲୋକେ ଏହି ସେଲ୍‌ରେ ଯୋଗାଯୋଗ କରିପାରିବେ। କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲ ପକ୍ଷରୁ କମିଶନରେଟ୍ ପୋଲିସକୁ ୨୫ଟି ଫାଷ୍ଟ-ଏଡ୍ କିଟ୍ ବକ୍ସ ପ୍ରଦାନ କରାଯାଇଥିଲା। ଶେଷରେ ଟ୍ରାଫିକ ପୋଲିସ ଓ ଆମ୍ରି ହସ୍ପିଟାଲ ପକ୍ଷରୁ ଏକ ବାଇକ୍ ସଚେତନତା ଶୋଭାଯାତ୍ରା ବାହାରିଥିଲା। କମିଶନର ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ, ଅତିରିକ୍ତ ଟ୍ରାଫିକ ଡିସିପି, ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା ଓ ଆମ୍ରି ହସ୍ପିଟାଲ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୌସୁମୀ



@ ପ୍ରିୟବ୍ରତ



@ ଈଶାନ



@ ବର୍ଷା



@ ସୋନାଲି ପ୍ରିୟା



@ ପାର୍ଥସାରଥି



@ ଅବିନାଶ

## ସଂକ୍ଷେପରେ

### ଲାଞ୍ଚ ନେଇ ପୂର୍ବତନ ଡାଟା ଏଣ୍ଟ୍ରି ଅପରେଟର ଗିରଫ



ଖୋର୍ଦ୍ଧା ଅଫିସ/ବୋଲଗଡ଼,୧୮।୧ (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଜିପିଇଓ ସେକ୍ସନର କାର୍ଯ୍ୟ କରୁଥିବା ପୂର୍ବତନ ଡାଟା ଏଣ୍ଟ୍ରି ଅପରେଟର ପ୍ରଶାନ୍ତ କୁମାର ମହାପାତ୍ର ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ବିବାହ ପ୍ରମାଣପତ୍ର କରାଇଦେବାକୁ କହି ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ଭିଜିଲାନ୍ସ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ଗିରଫ କରିଛି। ସୂଚନା ମୁତାବକ, ଏହି ବ୍ଲକର ଖଙ୍ଗୁରିଆ ପଞ୍ଚାୟତର ବିକାଶ କୁମାର ସ୍ୱାଇଁ ତାଙ୍କ ଝିଆରୀ ଓ ମାଉସୀ ଝିଅ ଦୁଇଜଣଙ୍କର ବିବାହ ପ୍ରମାଣପତ୍ର କରାଇଦେବା ଲାଗି ପ୍ରଶାନ୍ତ ତାଙ୍କଠାରୁ ଅଧିକ ଟଙ୍କା ଦାବି କରିଥିଲେ। ପରେ ୩ ହଜାର ଟଙ୍କାରେ ସେ ରାଜି ହୋଇଥିଲେ। ଏନେଇ ବିକାଶ ଖୋର୍ଦ୍ଧା ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ସୋମବାର ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଶାନ୍ତ ଲାଞ୍ଚ ଟଙ୍କା ନେଉଥିବା ବେଳେ ସାଦା ପୋଷାକରେ ବାହାରେ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ତାଙ୍କଠାରୁ ରଙ୍ଗ ପ୍ରଲେପ ଦିଆ ୬ଟି ୫ଶହ ଟଙ୍କିଆ ନୋଟ୍ ଜବତ କରାଯାଇଥିବା ନେଇ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ପାଣିଗ୍ରାହୀ କହିଛନ୍ତି। ପ୍ରକାଶ ଯେ, ପ୍ରଶାନ୍ତ ଏବେ ଜିପିଇଓ ବିଭାଗରେ ଅସ୍ଥାୟୀଭାବେ ନିଯୁକ୍ତି ପାଇ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ସହାୟକ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

### ସିରିଜ୍ ଦୁର୍ଘଟଣା, ବର୍ତ୍ତିଲେ ମାନସିକ ବିକୃତ

ଯାଁଳା,୧୮।୧(ଡି.ଏନ୍.ଏ.): ଯାଁଳା ବଜାର ପୁରୁଣା ପୋଷ୍ଟ ଅଫିସ ନିକଟରେ ସୋମବାର ପୂର୍ବାହ୍ନରେ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମାନସିକ ବିକୃତ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ତିନୋଟି କାର ଭାଙ୍ଗିରୁଜି ଯାଇଛି। ସୂଚନା ମୁତାବକ, ପୂର୍ବାହ୍ନ ପ୍ରାୟ ୧୧ଟାରେ ପୁରୁଣା ପୋଷ୍ଟ ଅଫିସ ନିକଟ ରାସ୍ତାରେ ହଠାତ୍ ଜଣେ ମାନସିକ ବିକୃତ ଏକ କାର୍ ଆଗକୁ ଚାଲି ଆସିଥିଲେ। ଫଳରେ ମାନସିକ ବିକୃତଙ୍କୁ ବଞ୍ଚାଇବା ପାଇଁ ହଠାତ୍ କାର ବ୍ରେକ ମାରିବାରୁ ପଛରେ ଆସୁଥିବା ଦୁଇଟି କାର ଭାରସାମ୍ୟ ହରାଇ ପଛକୁ ପଛ ପିଟି ହୋଇଥିଲେ। ଏଥିରେ କେହି ଆହତ ହୋଇ ନ ଥିବା ବେଳେ କାରଗୁଡ଼ିକ ଭାଙ୍ଗି ଯାଇଛି। ଫଳରେ କିଛି ସମୟ ପାଇଁ ରାସ୍ତା ଜାମ ହୋଇଥିଲା। ଖବରପାଇ ଯାଁଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ଗାଡ଼ିଗୁଡ଼ିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ମାଟିରେ ମିଶିଲାଣି ୫୦ ଏକର କାଜୁ ଜଙ୍ଗଲ

ଖୋର୍ଦ୍ଧା ଅଫିସ,୧୮।୧



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

- ଶରଧାପୁର କାଜୁ ଜଙ୍ଗଲରେ ମାଫିଆଙ୍କ ଦୌରାତ୍ମ୍ୟ
- ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ଖୋର୍ଦ୍ଧା ଜିଲାରେ ସରକାରୀ ଜମି, ଗାଁ ଶ୍ମଶାନ ଏବଂ କାଜୁ ଜଙ୍ଗଲ ଉପରେ ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏକର ଏକର ସରକାରୀ ଜମିରୁ ମାଫିଆମାନେ ମାଙ୍କଡା ପଥର ଏବଂ ମୋରମ ଚାଲାଣ କରୁଛନ୍ତି। ଫଳରେ ଗ୍ରାମୀଣ ଜଙ୍ଗଲ ଓ ଚାଷଜମି ନଷ୍ଟ ହେବାରେ ଲାଗିଛି। ସୋମବାର ଖୋର୍ଦ୍ଧା ବ୍ଲକ ନାଳିପଡା ଅର୍ଜ୍ଜୁନପୁର ପଞ୍ଚାୟତର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏହି ପଞ୍ଚାୟତର ଶରଧାପୁର ଏବଂ ହଳଦୀପଦା ମୌଜାକୁ ସଂଯୋଗ କରୁଥିବା ଉଭୟ ମୌଜାର ପ୍ରାୟ ୨୫୦ଏକର ପରିମିତି ଅଞ୍ଚଳରେ କାଜୁ ଜଙ୍ଗଲ ରହିଛି। ତେବେ ଜଙ୍ଗଲ ରକ୍ଷଣାବେକ୍ଷଣରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏହି ଜଙ୍ଗଲ ଉପରେ ମାଫିଆଙ୍କ ଦୃଷ୍ଟି ପଡ଼ିଛି। ୩ବର୍ଷ ପୂର୍ବେ କାଜୁ ନିଗମ ଏହି ଜଙ୍ଗଲକୁ ନିଲାମ ଦେଇଥିଲେ। କାଜୁ ସଂଗ୍ରହ ପରିବର୍ତ୍ତେ ଗତ କିଛି ବର୍ଷ ହେବ ମାଙ୍କଡା ପଥର ଏବଂ ମୋରମ ଚୋରାଚାଲାଣ ଚାଲିଛି। ପ୍ରତିବାଦ କରିବାରୁ ଗ୍ରାମବାସୀଙ୍କୁ ମାଫିଆମାନେ ଧମକ ଦେଉଛନ୍ତି। କାଜୁ ନିଗମର କେତେଜଣ ଅଧିକାରୀ ଏବଂ ପଥର ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ କାଜୁ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ପ୍ରାୟ ୩୦ରୁ ୫୦ଏକର ଜଙ୍ଗଲ ଗଛ କାଟିବା ସହ ସେଠାରୁ ୬୦ରୁ ୮୦ଫୁଟ ମାଟିତାଡି ମାଙ୍କଡା ପଥର ଚାଲାଣ କରାଯାଉଛି। କିଛି ଦିନ ପରେ ସମ୍ପୂର୍ଣ୍ଣ କାଜୁ ଜଙ୍ଗଲ ନଷ୍ଟ ହୋଇଯିବ। ଏହାର ତଦନ୍ତ ସହ ସମ୍ପୃକ୍ତ ଖଣି ମାଫିଆ ଏବଂ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମହମ୍ମଦ ଅଖତର ହୁସେନ, ଏମ୍. ଅହମ୍ମଦ, ସେଖ ରାସିଦ ଅଖତାର, ସୁରେନ୍ଦ୍ର ବାରିକ, ନିରଞ୍ଜନ ବେହେରା, ଅବିନାଶ ମିଶ୍ର, ଅଶୋକ ବେହେରା ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏ ଦିଗରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ପୂର୍ବରୁ ମଧ କାଜୁ ଜଙ୍ଗଲରୁ ମାଫିଆଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ଖଜୁରିପଡ଼ା ଛକରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ନିରାକାରପୁର,୧୮।୧(ଡି.ଏନ୍.ଏ.)

**ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା**

ଟାଙ୍ଗୀ ବନାଞ୍ଚଳ ଅଧୀନ ଖଜୁରିପଡ଼ା ଗ୍ରାମରେ ରବିବାର ରାତିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ଏହି ଗ୍ରାମର ସୌରିନ ବିବି(୪୨)। ସୋମବାର ଅପରାହ୍ନରେ କ୍ଷତିପୂରଣ ଦାବିରେ ପରିବାର ଲୋକ ଓ କେତେଜଣ ଗ୍ରାମବାସୀ ନୂଆ ଜଗନ୍ନାଥ ସଡ଼କ ରାସ୍ତାର ଖଜୁରିପଡ଼ା ଛକରେ ୧ଘଣ୍ଟା ୨୦ମିନିଟ ରାସ୍ତାରୋକୋ କରିଥିଲେ।

ସୂଚନା ମୁତାବକ, ରବିବାର ରାତି ସାଢ଼େ ୮ଟାରେ ସୌରିନ କୌଣସି କାମ ପାଇଁ ବାରିପଟକୁ ଯାଇଥିଲେ। ହଠାତ୍ ଏକ ଦନ୍ତା ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ଦନ୍ତା ନିକଟ ଜଙ୍ଗଲକୁ ପଳାଇ ଯାଇଥିଲା। ବ୍ୟବଚ୍ଛେଦ ପରେ ସୋମବାର ଅପରାହ୍ନ ୩ଟା ୪୦ରେ ମୃତଦେହ ଖଜୁରିପଡ଼ା ଛକରେ ପହଞ୍ଚିବା ପରେ କ୍ଷତିପୂରଣ, ହାତୀ ଚଲା ରାସ୍ତାରେ ଆଲୋକ ବ୍ୟବସ୍ଥା, ହାତୀଙ୍କୁ ତୁରନ୍ତ ଘଉଡ଼ାଇବା ବ୍ୟବସ୍ଥା ଦାବିରେ ପରିବାର ଲୋକ ଓ କେତେଜଣ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ନିରାକାରପୁର ଥାନା ଦାୟିତ୍ୱରେ ଥିବା ଅଧିକାରୀ ମୃନ୍ମୟ ସେନାପତି, ବନ ବିଭାଗ ଏସିଏଫ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ବାବଦକୁ ମିଳିବାକୁ ଥିବା ୪ଲକ୍ଷ ଟଙ୍କାରୁ ମୃତକଙ୍କ ପରିବାର ଲୋକଙ୍କୁ ୪୦ ହଜାର ଟଙ୍କା ଚେକ୍ ପ୍ରଦାନ କରିଥିଲେ। ଅବଶିଷ୍ଟ ଟଙ୍କା ୮ଦିନ ଦିନ ମଧ୍ୟରେ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ସହିତ ପ୍ରତିଶ୍ରୁତି ମିଳିବା ପରେ ୫ଟାରେ ରାସ୍ତାରୋକା ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଦ୍ୱିତୀୟ ଦିନରେ ୧୮୧୪ ନେଲେ ଟିକା

ଖୋର୍ଦ୍ଧା ଅଫିସ,୧୮।୧

ଖୋର୍ଦ୍ଧା ଜିଲାରେ ଦ୍ୱିତୀୟ ଦିନରେ ତଥା ସୋମବାର ୩୧ଟି ଟିକାଦାନ କେନ୍ଦ୍ରରେ ୧୮୧୪ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍) ଗୋଟିଏ କେନ୍ଦ୍ରରେ ୮୦, ବାଲକାଟୀ ଗୋଟିଏ କେନ୍ଦ୍ରରେ ୧୩୦, ବାଲିପାଟଣା ୩ଟି କେନ୍ଦ୍ରରେ ୧୩୬, ଜଟଣୀ ୩ଟି କେନ୍ଦ୍ରରେ ୧୦୮, ମେଣ୍ଢାଶାଳ ୪ଟି କେନ୍ଦ୍ରରେ ୧୬୬, ବୋତଲମା ୪ଟି କେନ୍ଦ୍ରରେ ୨୯୫, ବାଙ୍କୋଇ ଗୋଟିଏ କେନ୍ଦ୍ରରେ ୫୭, ହଳଦିଆ ଗୋଟିଏ କେନ୍ଦ୍ରରେ ୫୩, ଟାଙ୍ଗୀ ଗୋଟିଏ କେନ୍ଦ୍ରରେ ୧୦୦, ବାଲୁଗାଁ ୪ଟି କେନ୍ଦ୍ରରେ ୨୮୫, ବାଣପୁରର ୫ଟି କେନ୍ଦ୍ରରେ ୩୧୦, ରେଲୱେ ଷ୍ଟେଶନ(ଜଟଣୀ) ଗୋଟିଏ କେନ୍ଦ୍ରରେ ୪୦, ଆଇଏନ୍‌ଏସ ଚିଲିକା ଗୋଟିଏ କେନ୍ଦ୍ରରେ ୪୨ ଏବଂ ଆର୍‌ବିପି ଗୋଟିଏ କେନ୍ଦ୍ରରେ ୧୨ଜଣ ଟିକା ନେଇଛନ୍ତି। ପ୍ରକାଶ ଯେ, ଶନିବାର ପ୍ରଥମ ଦିବସରେ ଖୋର୍ଦ୍ଧା ଜିଲାରେ ୫ଟି କେନ୍ଦ୍ରରେ ୨୯୧ଜଣ ଟିକା ନେଇଥିଲେ।

### ଉନ୍ନୟନ କାର୍ଯ୍ୟରେ ଅନିୟମିତତା ନେଇ ବିଡିଓଙ୍କୁ ଦାବିପତ୍ର

ଜଟଣୀ,୧୮।୧(ଡି.ଏନ୍.ଏ.)

ଜଟଣୀ ବ୍ଲକ ପଦନପୁର ଗ୍ରାମରେ ପ୍ରଶାସନ ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏନେଇ ସୋମବାର ଗ୍ରାମବାସୀ ବିଡିଓ ସରୋଜ ରାଉତଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ରତନ ମହାନ୍ତି, ବାଉରିବନ୍ଧୁ ସାହୁ, ସର୍ବେଶ୍ୱର ଖେଲାର, ସୁରେଶ ଛୋଟରାୟ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ଜେଇ ଏବଂ କର୍ମଚାରୀମାନେ ପ୍ରତ୍ୟକ ଦିନ କାର୍ଯ୍ୟ ଏବଂ ସେମାନଙ୍କ ଉପସ୍ଥିତିର ଫଟୋଚିତ୍ର କାର୍ଯ୍ୟାଳୟକୁ ପଠାଇବେ। ଏଥିରେ ଯଦି କେହି ଖିଲାପ କରନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି।

# ୨୧ରୁ ତୋଷାଳି ମେଳା

ଭୁବନେଶ୍ୱର,୧୮।୧(ବ୍ୟୁରୋ)

**ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଚଳିତବର୍ଷ ପଞ୍ଚଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆସନ୍ତା ୨୧ ତାରିଖରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ଜନତା ମଇଦାନରେ ଆୟୋଜିତ ହେବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ କାରିଗର, ବୁଣାକାର ଓ ହସ୍ତଶିଳ୍ପୀମାନେ ଅଂଶଗ୍ରହଣ କରି ସେମାନଙ୍କ ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦ ପ୍ରଦର୍ଶନ କରିବେ।

ସୋମବାର ଏ ସମ୍ପର୍କରେ ସୂଚନା ଦେଇ ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି, ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରି ନିମନ୍ତେ ଆବଶ୍ୟକ ବଜାର ସୃଷ୍ଟି କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଦକ୍ଷତା ଓ ଜ୍ଞାନ ବୃଦ୍ଧି ପାଇଁ ସେମାନଙ୍କ ମଧ୍ୟରେ ଭାବଗତ ଆଦାନପ୍ରଦାନର ସୁଯୋଗ ସୃଷ୍ଟି କରିବା ଏହି ମେଳାର ଆଭିମୁଖ୍ୟ। ୨୧ ତାରିଖ ସନ୍ଧ୍ୟା ୬ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଳାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ମେଳା ଚାଲିବ। ଚଳିତ ବର୍ଷ ମେଳାରେ ୨୫୦ ଷ୍ଟଲ୍ ପଡ଼ିବ। ୪୦ ବୁଣାକାର, ୪୦ କାରିଗର ବିକାଶ ଆୟୁକ୍ତ(ହସ୍ତତନ୍ତ), ବିକାଶ ଆୟୁକ୍ତ(ହସ୍ତଶିଳ୍ପ), ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଷ୍ଟଲ୍ ରହିବ। ଏହାସହିତ ୧୧୦ ଜଣ କାରିଗର ଓ ୬୦ ଜଣ ବୁଣାକାରଙ୍କୁ ଯଥାକ୍ରମେ ରାଜ୍ୟ କୁଟୀର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର ଏବଂ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ପକ୍ଷରୁ ଷ୍ଟଲ୍ ଯୋଗାଇ ଦିଆଯିବ। ମେଳାରେ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ପାଳନ କରାଯିବ।

# ଜିଲାରେ ୨.୨୭ଲକ୍ଷ ପଞ୍ଜୀକୃତ ଶ୍ରମିକ

**ନିର୍ମାଣ ଶ୍ରମିକ କଲ୍ୟାଣବୋର୍ଡ ଅଧ୍ୟକ୍ଷଙ୍କ ସମୀକ୍ଷା**

- ୭୨କୋଟି ଆର୍ଥିକ ସହାୟତା ଦିଆଯାଇଛି
- ପିଲାଙ୍କ ପାଠପଢ଼ା, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୧୮।୧



ସମୀକ୍ଷା ବୈଠକରେ ଉପସ୍ଥିତ ଅଧ୍ୟକ୍ଷ, ଜିଲାପାଳ ଓ ଅନ୍ୟମାନେ।

ଓଡ଼ିଶା କୋଠାବାଡ଼ି ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ମାଣ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଖୋର୍ଦ୍ଧା ଜିଲାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ଏବଂ ନିର୍ମାଣାଧୀନ କାର୍ଯ୍ୟରୁ ସେସ୍ ଆଦାୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ପିଲାଙ୍କ ପାଠପଢ଼ା, ଉଚ୍ଚଶିକ୍ଷା ଏବଂ ମୃତ ଶ୍ରମିକଙ୍କ ପରିବାରଙ୍କ ପାଇଁ ସହାୟତା ଦିଆଯାଉଛି। ଏହାକୁ ତ୍ୱରିତ କରିବା ଲାଗି ଗୁରୁତ୍ୱ ଦେଇଥିଲେ। ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ସାମାଜିକ ଆର୍ଥିକ ସହାୟତା ତୁରନ୍ତ ପ୍ରଦାନ ଲାଗି ପରାମର୍ଶ ଦେଇଥିଲେ। ଶ୍ରମ ଓ ଇଏସଆଇ ବିଭାଗ ଯୁଗ୍ମ ସଚିବ ଅଶୋକ କୁମାର ପଣ୍ଡା ସରକାରଙ୍କ ନିର୍ମାଣ କାର୍ଯ୍ୟରୁ ସେସ୍ ଆଦାୟ କରିବା ସମ୍ପର୍କରେ ବ୍ଲକ ଏବଂ ଜିଲାସ୍ତରୀୟ ଅଧିକାରୀଙ୍କୁ କହିଥିଲେ। ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ କରିପାରିବେ ବୋଲି ସେ କହିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲା ପ୍ରଶାସନ ଖୋର୍ଦ୍ଧା ଜିଲାରୁ ୩୫୦କୋଟି ସେସ୍ ଓଡ଼ିଶା କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡକୁ ପ୍ରଦାନ କରିଛି। ଅନ୍ୟ ଜିଲା ଅପେକ୍ଷା ଏହା ସର୍ବାଧିକ। ଡିଭିଜନାଲ ଶ୍ରମ କମିଶନର ପ୍ରଦୀପ ମହାପାତ୍ର ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଜିଲାରେ ୭୨କୋଟି ଟଙ୍କା ବୋର୍ଡ ପକ୍ଷରୁ ଶ୍ରମିକଙ୍କୁ ଦିଆଯାଇଛି। ଜିଲାରେ ୨ଲକ୍ଷ ୨୭ହଜାର ଶ୍ରମିକ ବୋର୍ଡ ଅଧୀନରେ ପଞ୍ଜୀକୃତ ହୋଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସନତ ମହାନ୍ତି, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ବିଭାଗୀୟ ଅଧିକାରୀ, ବିଭିନ୍ନ ବ୍ଲକର ବିଡିଓଙ୍କ ସମେତ ଦୁଇ ଏନଏସି ଏବଂ ଦୁଇ ପୌର ପରିଷଦ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ବୋର୍ଡ ଅଧ୍ୟକ୍ଷ ଚ୍ୟାଉପଟ୍ଟନାୟକ ଶିଳ୍ପାଞ୍ଚଳରେ ଥିବା ହିନ୍ଦୁସ୍ତାନ କୋକାକୋଲା ପ୍ରାଇଭେଟ ଲିମିଟେଡ ଏବଂ ଆଇଟିସିର ନିର୍ମାଣାଧୀନ ପ୍ରୋଜେକ୍ଟ ପରିଦର୍ଶନ କରି କମ୍ପାନୀ ପକ୍ଷରୁ ଶ୍ରମିକମାନଙ୍କ ସମସ୍ୟା ବୁଝିଥିଲେ।

### ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପକ୍ଷରୁ ନବୀନଙ୍କୁ ଶୁଭେଚ୍ଛା

ଖୋର୍ଦ୍ଧା ଅଫିସ,୧୮।୧

ଦେଶର ସବୁଠୁ ଲୋକପ୍ରିୟ ଓ ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ପୁଣି ଗୌରବ ଅର୍ଜନ କରିଛନ୍ତି। ସି ଭୋଟର ଏବଂ ଏବିପି ଦେଶକା ମୁଡ୍ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି। ଦେଶର ୩୧ଜଣ ମୁଖ୍ୟମନ୍ତ୍ରୀଙ୍କୁ ନେଇ ହୋଇଥିବା ସର୍ଭେରେ ନବୀନ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ଏନେଇ ବିଜୁପ୍ରେମୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ସୋମବାର ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପକ୍ଷରୁ ନବୀନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ମହାପ୍ରଭୁଙ୍କ ନିକଟରେ ତାଙ୍କ ଦୀର୍ଘାୟୁ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନିଲ ଗୁମାର ସିଂ, ଚିନ୍ମୟୀ ପୃଷ୍ଟି, ରୁଦ୍ର ଦତ୍ତ, ନସିମ ଖାନ, ବିଭୁ ସାହୁ, ଦିଲୀପ ହୋତା, ରୁପେଶ ବେହେରା, ଚନ୍ଦନ ପ୍ରଧାନ, ରାକେଶ ମାନଧାଥା ଓ ନୁର ମହମ୍ମଦଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୌସୁମୀ



@ ପ୍ରିୟବ୍ରତ



@ ଈଶାନ



@ ବର୍ଷା



@ ସୋନାଲି ପ୍ରିୟା



@ ପାର୍ଥସାରଥି



@ ଅବିନାଶ